# Akashvani, Sambalpur

## SAMBALPURI NEWS EVENING BULLETIN

**17 November 2025- 7.02 pm- 7.12 pm.**

*****************************************************

୧- ପ୍ରଧାନ୍‌ମନ୍ତ୍ରୀ ଆଏବା ବୁଧବାର୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ବାଂଟ୍‌ବେ ୨୧ ନମ୍ବର୍ କିସ୍ତି ।

୨- ସାମାଜିକ୍ ନ୍ୟାୟ, ଆର୍ଥିକ୍ ସଶକ୍ତିକରଣ ଆଉ ସାମୂହିକ୍ ବିକାଶ୍ ଲାଗି କାମ୍ କରୁଛନ୍ ସମବାୟ ସଂସ୍ଥା- କହେଲେ ସମବାୟ ମନ୍ତ୍ରୀ ।

୩- ଆଏବା ୨୮ ତାରିଖ୍‌ନୁ ସମ୍ବଲ୍‌ପୁର୍ ନ ମୁଲ୍ ହେବା ଇ ବଛ୍‌ରର୍ ଖରିଫ୍ ଧାନ୍ ଘିନା ।

ଆଉର୍

୪- ବାରବାଟି ଷ୍ଟାଡ଼ିୟମ୍ ନ ଭାରତ୍ -ଦକ୍ଷିଣ ଆଫ୍ରିକା ଭିତ୍‌ରେ ହେବାର୍‌କେ ଥିବା ଟି-ଟ୍ୱେଂଟି କ୍ରିକେଟ୍ ମେଚ୍ ଲାଗି ଆଏବା ଡିସେମ୍ବର୍ ୫ ତାରିଖ୍ ହେବା ଟିକେଟ୍ ବିକ୍ରି ।

ପିଏମ୍ କିଷାନ୍ ସମ୍ମାନ୍ ନିଧି ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ -ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୨୧ ନମ୍ବର୍ କିସ୍ତି ଆଏବା ବୁଧବାର୍ ଦିନ ବାଂଟ୍‌ବେ । ସାରା ଦେଶେ ୧୧ କୋଟିନୁ ଅଏତ୍‌କା ଚାଷୀ ପରିବାର୍‌ଙ୍କୁ ଇ କିସ୍ତି ଟଙ୍କା ମିଲ୍‌ବା । ଇ କିସ୍ତିଥି ମୋଟ୍ ୩ ଲାଖ୍ ୭୦ ହଜାର୍ କୋଟି ଟଙ୍କା ଡିବିଟି ଜରିଏ ଚାଷୀମାନ୍‌କର୍ ଏକାଉଂଟ୍‌କେ ଦିଆଯିବା । ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାଥି ଯୋଗ୍ୟ ଚାଷୀ ପରିବାର୍‌କେ ଫି' ବଛର୍ ୩ ଟା କିସ୍ତିଥି ୬ ହଜାର୍ ଟଙ୍କା ଦିଆଯାଉଛେ । ଇ ଯୋଜ୍‌ନା ପୁର୍‌ଥିର୍ ସବୁନୁ ବଡ଼ ଡିବିଟି ବ୍ୟବସ୍ଥା ଆଏ । ଇ ଯୋଜ୍‌ନା ଜରିଏ ୨୫ ପ୍ରତିଶତ୍ ନୁ ଅଏତ୍‌କା ମହିଳା ଚାଷୀ ଲାଭ୍ ପାଉଛନ୍ ବଲି କୃଷି ଆଉ କୃଷକ୍‌କଲ୍ୟାଣ୍ ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ-ବ୍ରହ୍ମକୁମାରୀ ସୁବର୍ଣ୍ଣ ଜୟନ୍ତୀ ଭୁବନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ବ୍ରହ୍ମକୁମାରୀ ଅନୁଷ୍ଠାନ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଅନୁଷ୍ଠାନ୍‌ର ସମ୍ପନ୍ନ ଓଡ଼ିଶା- ସ୍ୱର୍ଣ୍ଣିମ ଓଡ଼ିଶା ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍‌ଥି

ମୁଖ୍ୟମନ୍ତ୍ରୀ କହିଛନ୍, ବ୍ରହ୍ମକୁମାରୀ ଅନୁଷ୍ଠାନ୍‌ର ଇ ୫୦ ବଛର୍‌ର ଯାତ୍ରା ଖାଲି ଗୁଟେ ସମିଆର୍ ଯାତ୍ରା ନୁହେଁ, ଇଟା ମାନବିକତାର୍ ଜାଗରଣ୍, ଆଧ୍ୟାତ୍ମିକ ଉନ୍ନତି ଆଉ ଦିବ୍ୟସେବାର୍ ଯାତ୍ରା ଆଏ । ବ୍ରହ୍ମକୁମାରୀ ଅନୁଷ୍ଠାନ୍ ନାରୀ ସଶକ୍ତିକରଣ୍ ଆଉ ସାମାଜିକ୍ ମୂଲ୍ୟବୋଧ ଉପ୍‌ରେ କାମ୍ କରୁଛନ୍ । କାର୍ଯ୍ୟକ୍ରମ୍‌ଥି ଆଇନ୍ ଆଉ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ଏକାମ୍ର ବିଧାୟକ୍ ବାବୁ ସିଂ ପ୍ରମୁଖ ଯୋଗ୍ ଦେଇଥିଲେ ।

ସମବାୟ ନୀତି ଆର୍‌ଏନ୍‌ୟୁ/ କଟକ୍

ରାଏଜେ ସାମାଜିକ୍ ନ୍ୟାୟ ଆର୍ଥିକ୍ ସଶକ୍ତିକରଣ୍ ଆଉ ସାମୂହିକ୍ ବିକାଶ୍ ଲାଗି ସମବାୟ ସଂସ୍ଥା ମାନେ କାମ୍ କରି ଆସିଛନ୍ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ରାଜ୍ୟ ସମବାୟ ନୀତି -୨୦୨୫ ଚୂଡ଼ାନ୍ତ ପ୍ରକ୍ରିୟା ଉପ୍‌ରେ ହେଇଥିବା କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀ ଶ୍ରୀ ବଲସାମନ୍ତ ଯୋଗ୍ ଦେଇକରି କହିଛନ୍, ଓଡ଼ିଶା ନ ଇହାଦେ ୮ ହଜାର୍ ସମବାୟ ସଂସ୍ଥା ରହିଛେ । ଇସବୁ ସଂସ୍ଥା ଚାଷ୍, ସାମଗ୍ରୀ ଯୋଗାଣ, ଧାନ୍ ସଂଗ୍ରହ, ଗ୍ରାହକ୍‌ସେବା, ଗୃହ ନିର୍ମାଣ୍, ପଶୁପାଲନ୍, ହସ୍ତତନ୍ତ, ହସ୍ତଶିଳ୍ପ ବାଗିର୍ କ୍ଷେତ୍ରମାନ୍‌କେ ବିପ୍ଲବ୍ ଆନିଛେ । ଆର୍ଥିକ୍ ଆଉ ସାମାଜିକ୍

ଅନ୍ତର୍ଭୁକ୍ତକରଣ୍ ଲାଗି ସମବାୟର୍ ଅବଦାନ୍ ବହୁତ୍ଟେ ରହିଛେ । ୨୦୩୬ ମସିହାତକ୍ ଓଡ଼ିଶା ନ ସମବାୟ ନେତୃତ୍ୱାଧୀନ୍ ସମୃଦ୍ଧି ଲାଗି କାର୍ଯ୍ୟଖସଡ଼ା ଆଉ ୨୦୪୭ ତକ୍ ସହଯୋଗ୍ ଜରିଏ ସମୃଦ୍ଧିକେ ଜାତୀୟ ଏଜେଣ୍ଡାଥି ଠାନ୍ ଦେବାର୍କେ ସର୍କାର୍ ଲକ୍ଷ୍ୟ ରଖିଛନ୍ ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ କହିଛନ୍ ।

(ଭଏସ୍ ଓଭର୍- ସମବାୟ ମନ୍ତ୍ରୀ)

ରାଜ୍ୟର୍ ସମବାୟ କ୍ଷେତ୍ରକେ ପରିବର୍ତନ୍ କର୍ବାର୍ ଓଡ଼ିଶା ସମବାୟ ନୀତିର ମୂଲ୍ ଲକ୍ଷ୍ୟ ଆଏ । ଇ କ୍ଷେତ୍ରଥି ସୁଶାସନ୍କେ ସୁନିଶ୍ଚିତ୍ କର୍ବାର୍ ସହଜ୍, ସରଲ୍ ଆଉ ମାନବ୍ ସମ୍ବଲ୍କେ ବର୍କସ୍ କର୍ବାର୍କେ କେନ୍ଦ୍ର ଆଉ ରାଜ୍ୟ ସର୍କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ମନ୍ତ୍ରୀ କହିଛନ୍ । ଇ କାର୍ଯ୍ୟକ୍ରମ୍ ଆଗ୍ରୁ ୪ ଟା ଜୋନ୍ଥି ହେଇସାରିଛେ । ଭୁବ୍ନେଶ୍ୱର୍ ନ ଆଏଜ୍ ହେଇଥିବା ଶେଷ୍ ଖେପ୍ କର୍ମଶାଲାଥି ଭିନ୍ ଭିନ୍ ବର୍ଗର୍ ଜନସାଧାରଣ୍ ଆଉ ନୀତି ନିର୍ଦ୍ଧାରକମାନ୍କର୍ ସାଙ୍ଗେ ଚିଠା ସମବାୟ ନୀତି -୨୦୨୫ ଉପ୍ରେ ଆଲୋଚନା କରାଯାଇକରି ସେମାନ୍କର୍ ମତାମତ ନିଆଯାଇଛେ ।

ଜାତୀୟ ଜନଗଣନା I&PR

୨୦୨୭ ଜାତୀୟ ଜନଗଣନା ଲାଗି ଓଡ଼ିଶା ନ ପ୍ରକ୍ରିୟା ମୁଲ୍ ହେଇଛେ । ଇତାର୍ ଆଘୋନୁ ପୂର୍ବ ପରୀକ୍ଷା ଜନଗଣନା କରାଯାଇଛେ । ପରୀକ୍ଷାମୂଳକ୍ ଭାବେ ୪ ଟା ଇଲାକା ନ ପହେଲା ପ୍ରାକ୍ ଜନଗଣନା କରାଯିବା । ଆଏବା ୩୦ ତାରିଖିତକ୍ ପହେଲା ଖେପ୍ ପ୍ରାକ୍ ଗୃହ ଗଣନା ଆଉ ଗୃହ ତାଲିକା ବାହାର୍‌ବା । ନବରଙ୍ଗ୍‌ପୁର୍ ଜିଲ୍ଲା ତେନ୍ତୁଳିଖୁଂଟିର୍ ୨୦ ଟା ଗାଁ ଆଉ ମୟୁର୍‌ଭଞ୍ଜ୍ ଠାକୁରାମୁଣ୍ଡାର ୪୪ ଟା ଗାଁ ନ ଗୃହ ଗଣନା କରାଯିବା । ସେନ୍ତା ଭୁବ୍‌ନେଶ୍ୱର୍ ମହାନଗର୍‌ର ୨୨ ନମ୍ବର୍ ୱାର୍ଡ ଆଉ କଟକ୍ ମହାନଗର୍‌ର ୧୭ ନମ୍ବର୍ ୱାର୍ଡ଼ ନ ଭିଲ୍ ଗୃହ ଗଣନା କରାଯିବା । ଗଣନା କର୍ତାମାନେ ଘର୍ ଘର୍ ଯାଇକରି ନମ୍ବର୍ ଦେବେ ଆଉ ଗଣନା ତଥ୍ୟ ଠୋଲ୍ କର୍‌ବେ ।

ଧନ୍ଦାମୂଲକ୍ ପ୍ରଶିକ୍ଷଣ୍ ଶିବିର I&PR

ଆଏଜ୍ ବିଶ୍ୱ ଦକ୍ଷତା କେନ୍ଦ୍ର ଆଉ ସିଟିଟିସି ନ ସର୍‌କାରୀ ଧନ୍ଦାମୂଲକ୍ ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଇଲେକ୍ଟ୍ରୋନିକ୍ ଆଉ ହାଡ୍‌ୱେର୍ କେ ନେଇକରି ୫ ଦିନିଆ ଆବାସିକ ବ୍ୟବହାରିକ୍ ଦକ୍ଷତା ବିକାଶ୍ ପ୍ରଶିକ୍ଷଣ୍ ଶିବିର୍ ଉଦ୍‌ଘାଟିତ୍ ହେଇଯାଇଛେ । ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର୍ ଯୁଗ୍ମ ନିର୍ଦ୍ଦେଶକ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌କୁ ଦକ୍ଷତା ହାସଲ୍ କର୍‌ବାର୍

ଦିଗେ ପ୍ରେରଣା ଦେବାର୍ ସହେତେ ଧନ୍ଦାମୂଲକ୍ ଶିକ୍ଷାର୍ ଗୁରୁତ୍ୱ ବାବ୍‌ଦେ କହିଥିଲେ । ଇ ଆବାସିକ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ଥି ବିଶ୍ୱ ଦକ୍ଷତା କେନ୍ଦ୍ର ନ ୫୦ ଝନ୍ ଆଉ ସିଟିଟିସି ଠାନେ ପାଖାପାଖି ୯୦ ଝନ୍ ଛାତ୍ରଛାତ୍ରୀ ଆଉ ଶିକ୍ଷକ୍, ଶିକ୍ଷୟିତ୍ରୀ ଭାଗ୍ ନେଇଛନ୍ ।

ସମ୍ବଲ୍‌ପୁର୍ - ଧାନ୍‌ଘିନା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଇ ବଛର୍‌ର ଖରିଫ୍ ଋତୁର୍ ଧାନ୍ ଘିନା ଲାଗି ଡିଏଲ୍‌ପିସି ବୈଠକ୍ ହେଇଯାଇଛେ । ଇ ମାସର୍ ନଭେମ୍ବର୍ ୨୮ ତାରିଖ୍‌ନୁ ଧାନ୍ ଘିନା ମୁଲ୍ ହେବା ବଲି ଜିଲ୍ଲାପାଲ୍ ସମ୍ମିଲନୀ କକ୍ଷ ନ ହେଇଥିବା ବୈଠକ୍‌ଥି ଥିର୍ ହେଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ରେଢ଼ାଖୋଲ୍ ବିଧାୟକ୍ ପ୍ରସନ୍ନ ଆଚାର୍ଯ୍ୟ, ଜିଲ୍ଲାର୍ ଚାଷୀନେତା, ଚାଷୀ, ଯୋଗାଣ ଅଧିକାରୀ, ମିଲର୍ ପ୍ରତିନିଧି ଆଉ ବେଙ୍କ୍ ପ୍ରତିନିଧିମାନେ ଉପସ୍ଥିତ୍ ଥିଲେ । ଇ ବଛର୍ ଖରିଫ୍ ଋତୁଥି ଧାନ୍ ବିକ୍‌ବାର୍ ଲାଗି ୬୦ ହଜାର୍ ୬ ଶହ ୧୪ ଝନ୍ ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ । ଜିଲ୍ଲା ନ ଶହେ ୨୭ ଟା ମଣ୍ଡି ଖୁଲାଯିବାର୍‌କେ ଥିବାର୍ ବେଲେ ୪୫ ଟା ପେକ୍ସ, ୧୧ ଟା ଏସ୍‌ଏଚ୍‌ଜି ଆଉ ୪୬ ଟା ମିଲର୍ ନିୟୋଜିତ୍ ହେବେ ।

ପଇତାଲାଗି ନୀତି        ପୁରୀ ସମ୍ବାଦଦାତା

ମଗ୍‌ଶିର୍ ମାସର ଅନ୍ଧାର୍ ପଖର୍ ତ୍ରୟୋଦଶୀ ତିଥି ନ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ପଇତାଲାଗି ନୀତି କରାଯାଉଛେ । ମାହାପୁରୁମାନ୍‌କର୍ ଶ୍ରୀଅଙ୍ଗର୍ ସୁରକ୍ଷା ଲାଗି ପଇତାଲାଗି ନୀତି ଗୁଟେ ଖାସ୍ ସେବା ଆଏ । ପାଟବସ୍ତ୍ରକେ ପଇତା ବାଗିର୍ ବଟିକରି ମାହାପୁରୁମାନ୍‌କର୍ ଶ୍ରୀଅଙ୍ଗଥି ଲାଗି କରାଯାଏସି । ମାହାପୁରୁମାନ୍‌କର୍ ଇଟାଗୁଟେ ଗୁପ୍ତ ନୀତି ହେଇଥିବାର୍‌ନୁ ଉପର୍‌ବେଲା ୫ ବଜେନୁ ରାତିର୍ ୧୦ ବଜେତକ୍ ପାଖାପାଖି ୫ ଘଂଟା ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଛେ ।

ଟିକେଟ୍ ବିକ୍ରି        ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଆଏବା ମାସ ୯ ତାରିଖ୍ ଦିନ ଭାରତ୍ ଆଉ ଦକ୍ଷିଣ ଆଫ୍ରିକା ଭିତ୍‌ରେ ହେବାର୍‌କେ ଥିବା ଟି-ଟ୍ୱେଂଟି କ୍ରିକେଟ୍ ମେଚ୍ ଲାଗି ଡିସେମ୍ବର୍ ୫ ତାରିଖ୍ ଟିକେଟ୍ ବିକ୍ରି ହେବା । ଇ ବାବ୍‌ଦେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ସମ୍ପାଦକ୍ ସୂଚ୍‌ନା ଦେଇଛନ୍ । ଷ୍ଟାଡ଼ିୟମ୍‌ର ୬ ଟା କାଉଂଟର୍‌ଥି ଟିକେଟ୍ ବିକ୍ରି ହେବା । ଡିସେମ୍ବର୍ ୧ ତାରିଖ୍ ଅନ୍‌ଲାଇନ୍‌ଥି ଟିକେଟ୍ ମିଲ୍‌ବା । ଡିସେମ୍ବର୍ ୩ ଆଉ

୪ ତାରିଖ୍ ଓସିଏ ଅନୁବନ୍ଧିତ୍ ସଂସ୍ଥାମାନ୍‌କୁ ଟିକେଟ୍ ଦିଆଯିବା । ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ହେଇଥିବା ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ ।

ଅପସ୍ମାର ଦିବସ ଆର୍‌ଏନ୍‌ୟୁ/ କଟକ୍

ଅପସ୍ମାର ରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଉଦ୍ଦେଶ୍ୟଥି ଆଏଜ୍ ଜାତୀୟ ଅପସ୍ମାର ଦିବସ ପାଲନ୍ କରାଯାଉଛେ । ମୋର୍ ଅପସ୍ମାର୍‌ର ଯାତ୍ରା ଇ ବଛର୍‌ର ବିଷୟବସ୍ତୁ ରହିଛେ । ଅପସ୍ମାର ଗୁଟେ ପ୍ରକାରର୍ ମସ୍ତିଷ୍କ ରୋଗ୍ ଆଏ । ବିଶେଷଜ୍ଞମାନ୍‌କର୍ ମତଥି ମସ୍କିଷ୍କର୍ ସ୍ନାୟୁ କୋଷର୍ କାମ୍‌ଥି ବାଧା ହେଲେ ଇ ରୋଗ୍‌ର ଲକ୍ଷଣ୍ ଦେଖାଦେସି । ନିୟମିତ୍ ଚିକିତ୍ସା ଆଉ ରୋଗୀମାନ୍‌କର୍ ଠିକ୍ ଭାବେ ଯତନ୍ ଇ ରୋଗ୍‌ର ଲକ୍ଷଣ୍‌କେ କମ୍ କର୍‌ବାର୍‌ଥି ସାହାଜ୍ କର୍‌ସି ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ୍ ନିଗମ୍ ଲିମିଟେଡ୍ - ଓପିଟିସିଏଲ୍ ତରଫୁ ଶହେ ୩୨-୩୩ କେଭି ସମ୍ବଲ୍‌ପୁର୍ ଆଉ ମାନେଶ୍ୱର୍ ଗ୍ରୀଡ୍ ସବ୍‌ଷ୍ଟେସନ୍ ନ ଦେଖ୍‌ରେଖ୍ କାମ୍

କରାଯିବା । ଇଥିର୍‌ଲାଗି ସମ୍ବଲ୍‌ପୁର୍ ଜିଲ୍ଲାର୍ ବହୁତ୍‌ଟେ ଇଲାକା ନ ଆଏବା କାଏଲ୍ ଦିନର୍ ୮ ବଜେନୁ ଉପର୍‌ବେଲା ୫ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ।

## ମିଳିତ୍ ଜନ ଅଭିଯୋଗ୍ ଶୁଣାଣି ସମ୍ବଲପୁର/ସୁବର୍ଣ୍ଣପୁର/ଦେବ୍‌ଗଡ଼୍/ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମିଳିତ୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟ ନ ଜନଶୁଣାଣି ଶିବିର୍ ହେଇଛେ । ଶିବିର୍‌ଥି ୩୫ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ୪୬ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୮ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ ଉଟୁଣିଆ ଗ୍ରାମ୍ ପଂଚାୟତ୍ ସମ୍ମିଲନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୩୬ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ତର୍‌ଭା ତୁଲୁଣ୍ଡା ଗ୍ରାମ୍ ପଂଚାୟତ୍ ସମ୍ମିଲନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ଶହେ ୨ ଟା ଅଭିଯୋଗ୍ ଆସିଥିଲା । ଇତାର୍ ଭିତ୍‌ରୁ ୪ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଳ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର    ସମ୍ବଲପୁର

ସମ୍ବାଦଦାତା

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ତର୍‌ଫୁ ଦିନ୍‌କିଆ ଶିବିର୍ ଆଏଜ୍ ଯୁଯୁମୁରା ଆର୍‌ଏମ୍‌ସି ପଡ଼ିଆ ନ ହେଇଯାଇଛେ । ଶିବିର୍‌ଥି ଶହେ ୭୬ ଝନ୍ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଯାଂଚ୍ କରାଯାଇକରି ସେମାନ୍‌କର୍ ଅସାମର୍ଥ୍ୟତା ପ୍ରତିଶତ୍ ଥିର୍ କରାଯିବାର୍ ସହେତେ ସେମାନ୍‌କୁ ନିର୍ଣ୍ଣୟ ପତ୍ର ଦିଆଯାଇଛେ । ଶିବିର୍‌ଥି ଭିନ୍ ଭିନ୍ ସହାୟକ ସାମଗ୍ରୀ ଭିଲ୍ ବଂଟାଯାଇଛେ ।

ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପୁଲିସ୍ ତର୍ଫୁ ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ବୌଦ୍ଧ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କର୍ କାର୍ଯ୍ୟାଲୟ ପାଖୁ ଗୁଟେ ଶୋଭାଯାତ୍ରା ବାହାରିକରି ସହର୍ ବୁଲିଥିଲା । ଇ ଅବ୍‌ସରେ ଆରକ୍ଷୀ ଅଧିକ୍ଷକ୍ ସାର୍ଥକ୍ ରାୟ ଆଉ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇକରି ଶୋଭାଯାତ୍ରାକେ ଶୁଭାରମ୍ଭ କରିଥିଲେ ।

ବରିଷ୍ଠ ତୀର୍ଥଯାତ୍ରୀ          ବୌଦ୍ଧ ସମ୍ବାଦଦାତା

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ବୌଦ୍ଧ ଜିଲ୍ଲା ନୁ ଉଜ୍ଜୟିନୀକେ ଯିବାର୍ ଲାଗି ବୌଦ୍ଧ ନୁ ବ୍ରହ୍ମପୁର୍‌କେ ୨ ଟା ବସ୍‌ଥି ୫୫ ଝନ୍ ତୀର୍ଥଯାତ୍ରୀ ଯାତ୍ରା ମୁଲ୍ କରିଛନ୍ । ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍, କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍ ଯୋଗ୍ ଦେଇକରି ଯାତ୍ରାର୍ ଶୁଭାରମ୍ଭ କରିଥିଲେ ।

ପାଣିପାଗ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିତ୍‌ରିଆ ପଶ୍ଚିମ ଆଉ ଦକ୍ଷିଣ ଇଲାକା ନ ଶୀତର୍ ପ୍ରଭାବ୍ ଲାଗି ରହିଛେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, କନ୍ଧମାଲ୍ ଆଉ ଖୋର୍ଦ୍ଧା ନ ଜବର୍ ଶୀତ୍ ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।